**ଗ୍ରାମୀଣ କୃଷି ମୌସମ ସେବା**
**ଭାରତୀୟ ପାଣିପାଗ ବିଭାଗ**
**ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ**
**ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି**

**ପତ୍ର ସଂ –୧୦୧/୨୦୨୩** **ସପ୍ତାହ- ୫୧** **ମଙ୍ଗଳବାର, ତାରିଖ ୧୯.୧୨.୨୦୨୩**

**ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :**

| | |
|---|---|
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୦/୦ |
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୩ ଠାରୁ) | ୧୩୬୪.୨/୭୧ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା ($^0$C) | ୨୬.୪ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା ($^0$C) | ୧୧.୫ |

**କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ପୂର୍ବାନୁମାନ – ୨୦.୧୨.୨୦୨୩ ରୁ ୨୪.୧୨.୨୦୨୩ ପର୍ଯ୍ୟନ୍ତ:**

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ଅଛି । ଏହି ସମୟରେ ଆକାଶ ମୁଖ୍ୟତଃ ମେଘଅଶନ୍ୟ ରୁ ଆଂଶିକ ମେଘୁଆ ରହିବା ସହିତ ଉକ୍ତ ସମୟ ମଧରେ ପବନ ମୁଖ୍ୟତଃ ଦକ୍ଷିଣ ପୂର୍ବ ରୁ ଦକ୍ଷିଣ ଦିଗ ଆଡୁ ଘଣ୍ଟା ପ୍ରତି ୦୦୪ - ୦୦୫ କି.ମି. ବେଗରେ ବହିବାର ଆଶଙ୍କା ଅଛି। ଏହି ସମୟରେ ଦିନ ର ସର୍ବାଧିକ ତାପମାତ୍ରା ୨୬ -୨୭ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୧ – ୧୩ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୪୮ – ୭୪ % ଓ ୨୦ – ୨୬ % ରହିବ ବୋଲି ଆଶା କରାଯାଏ ।

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା ($^0$ସେ.) | ସର୍ବନିମ୍ନ ତାପମାତ୍ରା ($^0$ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୨୦-୧୨-୨୦୨୩ | ୦ | ୨୬ | ୧୧ | ୨ | ୫୦ | ୨୬ | ୫ | ୧୬୧ |
| | ୨୧-୧୨-୨୦୨୩ | ୦ | ୨୬ | ୧୧ | ୧ | ୪୮ | ୨୨ | ୫ | ୧୫୮ |
| | ୨୨-୧୨-୨୦୨୩ | ୦ | ୨୬ | ୧୧ | ୩ | ୫୫ | ୨୦ | ୫ | ୧୫୩ |
| | ୨୩-୧୨-୨୦୨୩ | ୦ | ୨୭ | ୧୨ | ୩ | ୭୨ | ୨୨ | ୪ | ୧୬୨ |
| | ୨୪-୧୨-୨୦୨୩ | ୦ | ୨୭ | ୧୩ | ୨ | ୭୪ | ୨୬ | ୫ | ୧୬୨ |

**ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

## ପାଣିପାଗ ଭିତ୍ତିକ କୃଷି ଉପଦେଶ

- ➢ ଛିଡ଼ା ହେଇଥିବ ଫସଲ କିମ୍ବା ପନିପରିବା ଚାଷକୁ କୁହୁଡ଼ି, ନିମ୍ନ ତାପମାତ୍ରା ତଥା ମାଟିରେ ଆର୍ଦ୍ରତାର ଅଭାବ ରୁ ବଞ୍ଚାଇବା ପାଇଁ ସକାଳୁ ହାଲୁକା ଜଳସେଚନ ର ବ୍ୟବସ୍ଥା କରନ୍ତୁ।
- ➢ ପନିପରିବା ତଳିକୁ ରାତିରେ ପଲିଥିନ ଦ୍ୱାରା ଘୋଡ଼ାଇ ରଖନ୍ତୁ ଯଦ୍ଵାରା ରାତିର ନିମ୍ନ ତାପମାତ୍ରା କାରଣ ଜନିତ ସ୍ୱଳ୍ପ ଗଜା ହେବାରୁ ସୁରକ୍ଷା ମିଳିପାରିବ।
- ➢ ପନିପରିବା ଚାଷରେ କୋଡା ଖୋସା, ହୁଡ଼ା ଟେକା କାମ କରି ଦିଅନ୍ତୁ ଓ ଅନାବନା ଘାସ ଓପାଡ଼ି ଦିଅନ୍ତୁ। ସମୟ ମୁତାବକ ଅନୁମୋଦିତ ସାର ପ୍ରୟୋଗ ପରେ ଜଳସେଚନ ର ବ୍ୟବସ୍ଥା କରନ୍ତୁ।
- ➢ ଶସ୍ୟ ଜାତୀୟ ଫସଲ ଯଥା ମୁଗ, ବିରି, ମସୁର, ବୁଟ ଆଦି ପାଚି ଯାଇଥିବା ଧାନ ଜମିରେ ଧାନ କାଟିବାର ୭ ରୁ ୧୦ ଦିନ ପୂର୍ବରୁ ଛିଡ଼ା ହେଇଥିବା ଧାନ ଜମିରେ ଛଟା ବୁଣା କରି ପାରିବେ ଯଦ୍ଵାରା ମାଟିରେ ଥିବା ବତର ର ସଠିକ୍ ଉପଯୋଗ ହେଇପାରିବ।
- ➢ ଗୃହପାଳିତ ଗାଈ, ମଇଁଷି, ଛେଳି, ମେଣ୍ଢା ମାନଙ୍କୁ ଫାଟୁଆ, ସାହାଣ, ବଜବଜିଆ, ଛେଳି ମଡ଼କ ଓ ଛେଳି ବସନ୍ତ ଆଦି ରୋଗରୁ ରକ୍ଷା କରିବା ପାଇଁ ଉପଯୁକ୍ତ ସମୟରେ ଟୀକା ଦାନ କରନ୍ତୁ।

**ଧାନ :**

- ▪ ରବି ଋତୁ ପାଇଁ ତଳି ପକାଇବା ନିମନ୍ତେ ଏବେ ଉପଯୁକ୍ତ ସମୟ ଅଟେ। ଏକ ଏକର ଚାଷ ପାଇଁ ୧୦ ଡେସିମାଲ ଜାଗାରେ ତଳିଘେରା ଦରକାର ପଡ଼ିଥାଏ। ଅଧିକ ଅମଳକ୍ଷମ କିସମ ଯଥା ଏମଟିୟୁ ୧୦୧୦, ଏମଟିୟୁ ୧୦୦୧, ଡିଆରଆର ୪, ସହାଭାଗୀ ଧାନ, ଲଲାଟ, ଉନ୍ନତ ଲଲାଟ, ମନ୍ଦାକିନୀ, ବୀଣା ୧୧ ଆଦି ସଂଗ୍ରହ କରନ୍ତୁ। ତଳିରେ ବିହନ ବୁଣିବା ପୂର୍ବରୁ ବିହନକୁ ୧ଗ୍ରା କରବେନଦାଜିମ କିମ୍ବା ୨ ଗ୍ରା କାର୍ବୋକ୍ସିନ କିମ୍ବା ଥିରାମ କୁ ପ୍ରତି ଏକ କିଲୋଗ୍ରାମ ବିହନରେ ମିଶାଇ ବିହନ ବିଶୋଧନ କରନ୍ତୁ।
- ▪ ଜମିରେ ଧାନ ଶତକଡ଼ା ୮୦ ରୁ ୮୫ ଭାଗ ପାଚିଗଲେ ଅମଳ କରିଦିଅନ୍ତୁ। ଅମଳ ପରେ ଧାନକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ। ଧାନରେ ସର୍ବାଧିକ ଶତକଡ଼ା ୧୨ ରୁ ୧୪ ପ୍ରତିଶତ ଆର୍ଦ୍ରତା ରହିଲେ ଧାନକୁ ଅଧିକ ଦିନ ସଂଚୟ କରି ରଖି ହେବ । ଧାନ ଅମଳ କରିବାର ୧୫ ଦିନ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରି ଦିଅନ୍ତୁ।
- ▪ ଧାନ ଅମଳ ପରେ ଜମିରେ ଥିବା ଅବଶେଷରେ ନିଆଁ ଲଗାନ୍ତୁ ନାହିଁ କାରଣ ଏହା ଦ୍ୱାରା ପରିବେଶ ଦୂଷିତ ହେବା ସହ ଶ୍ୱାସକ୍ରିୟା ଜନିତ ସ୍ୱାସ୍ଥ୍ୟ ସମସ୍ୟା ଉପୁଜି ଥାଏ। ସେହି ନଡ଼ାକୁ ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ। ଏହାଦ୍ଵରା ମାଟିର ଉର୍ବର ଶକ୍ତି ବଢ଼ିଥାଏ। ସେହି ନଡ଼ା ମଧ୍ୟ ମାଟିରୁ ଜଳୀୟଂଶ ବାଷ୍ପୀକରଣ କୁ ହ୍ରାସ କରିବା ସହ ମାଟିରେ ଥିବା ଜଳୀୟଂଶ କୁ ସଂରକ୍ଷଣ କରେ।

- ଅମଳ ହେଇଥିବା ଧାନ କୁ ଅଧିକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ପାଇଁ "ସୁପର ଗ୍ରେନ ବେଗ" ର ବ୍ୟବହାର କରନ୍ତୁ । ପ୍ରତ୍ୟେକ କିସମ କୁ ଅଲଗା ଅଲଗା କରି ସଂଗ୍ରହ କରନ୍ତୁ ଯଦ୍ୱାରା ଭଲ ଦାମ୍ ରେ ବିକ୍ରି ହେଇପାରିବ।
- ଧାନ ସାଇତି ରଖିଥିବା ବସ୍ତା ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ ଟାବଲେଟ ଏକ ଟନ ପିଛା ୩ଟି ଟାବଲେଟ (ସମୁଦାୟ ୯ ଗ୍ରାମ ଟାବଲେଟ) କନାରେ ଗୁଡ଼ାଇ ରଖନ୍ତୁ। ଏହା ଉପରେ ଭଲଭାବେ ତାରପୋଲିନ ଘୋଡ଼ାଇ ଦିଅନ୍ତୁ ଯେପରିକି କିଛି ଫାଙ୍କାଜାଗା ନ ରୁହେ। ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କାଜାଗା ଥାଏ ତେବେ କାଦୁଅ କିମ୍ବା ସେଲୋଟେପ ଦେଇ ଭଲଭାବେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ। ଏହି ପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠରୀ ବା ବସ୍ତା ର ମୁହଁ ଭଲଭାବରେ ବନ୍ଦ ରଖନ୍ତୁ। ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ।
- ଧାନ ଅମଳ ସମୟରେ ମୂଷା ମଧ୍ୟ କ୍ଷତି ଘଟାଇ ପାରେ। ମୂଷାକୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତକୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରିଦିଅନ୍ତୁ। ତା ପରଦିନ ଯେଉଁ ଗାତ ମୁହଁ ଖୋଲା ଥିବ ସେ ଗାତରେ ଆଲୁମିନିୟମ ଫୋସଫାଇଡ ୬% ବଟିକା (ଗୋଟେ ବଟିକା ୧୨ ଗ୍ରାମ ) କନାରେ ବାନ୍ଧି ଗାତପିଛା ଗୋଟିଏ ରଖି ଗାତ ମୁହଁକୁ କାଦୁଅରେ ବନ୍ଦ କରିଦିଅନ୍ତୁ।

**କପା :**

- କପା ଫୁଟିବା ଆରମ୍ଭ ହୋଇ ଥିବାରୁ ସମ୍ପୂର୍ଣ ଫୁଟିଥିବା ବକରାରୁ କପା ତୋଳନ୍ତୁ ।
- ତୋଳିଥିବା କପାକୁ ସିମେଣ୍ଟ ଚଟାଣ କିମ୍ବା ତାରପଲିନ ଉପରେ ଭଲ ଭାବରେ ଶୁଖାନ୍ତୁ ଯେପରିକି ଏହାର ଆଦ୍ରତା ୮ -୧୦ % ଭିତରେ ରହିବ। ପ୍ରଥମରେ ତୋଳା ହୋଇଥିବା କପାକୁ ଅଲଗା କରି ସାଇତି ରଖନ୍ତୁ ଯାହାକି ଭଲ ଦାମରେ ବିକ୍ରି ହେବ ।
- ସର୍ବନିମ୍ନ ସହାୟକ ମୂଲ୍ୟ (ଦୀର୍ଘ ତନ୍ତୁ କପା - ୭୦୨୦ ଟଙ୍କା ପ୍ରତି କୁଇଣ୍ଟାଲ ) ପାଇବା ପାଇଁ ତୋଳି ସାରିଥିବା କପା କୁ ନିକଟସ୍ଥ ମଣ୍ଡି ରେ ବିକ୍ରି କରନ୍ତୁ।

**ଚିନାବାଦାମ:**

- ଖରାଟିଆ ଚିନାବାଦାମ ଚାଷ ପାଇଁ ଏବେ ଉପଯୁକ୍ତ ସମୟ ଅଟେ । ମଞ୍ଜି ବୁଣିବା ପୂର୍ବରୁ ପ୍ରତି ଏକ କିଲୋଗ୍ରାମ ମଞ୍ଜିକୁ ୩-୩.୫ ଗ୍ରାମ କାର୍ବେନ୍ଡାଜିମ୍ ୨୫% + ମାଙ୍କୋଜେବ ୫୦% ଡବ୍ଲୁ.ଏସ୍ ଦ୍ୱାରା ବିହନକୁ ବିଶୋଧନ କରନ୍ତୁ ଏବଂ ବୁଣିବା ସମୟରେ ପ୍ରତି ୨୫ କିଲୋଗ୍ରାମ ମଞ୍ଜି କୁ ୫୦୦ ଗ୍ରାମ ଅଥବା ୨୫୦ ମିଲିଗ୍ରାମ ରାଇଯୋବିୟମ୍ କଲଚର୍ ଦ୍ୱାରା ବିହନକୁ ବିଶୋଧନ କରନ୍ତୁ।
- **ଏକର ପ୍ରତି ବିହନ ପରିମାଣ** - ୪୦ ରୁ ୫୦ କିଲୋଗ୍ରାମ ଚୋପାଛଡ଼ା ବିହନ ।
- **ଉପଯୁକ୍ତ କିସମ** - ଦେବୀ (ଆଇସିଜିଭି ୯୧୧୧୪), କଦେରୀ-୬, କଦେରୀ-୯, ଟିଏଜି-୫୧, ଟିଏମଭି -୨, ସ୍ମୃତି (ଓଜି ୫୨-୧), ସିଓ-୭, ଧରଣୀ ଇତ୍ୟାଦି,।
- **ଖାଦ୍ୟସାର ପରିଚାଳନା** – ବିହନ ବୁଣିବା ବେଳେ ଏକର ପ୍ରତି ୪୦ କିଲୋଗ୍ରାମ ଡି.ଏ.ପି, ୨୫ କିଲୋଗ୍ରାମ ଏମ୍.ଓ.ପି ଓ ୧୨ କିଲୋଗ୍ରାମ ଗନ୍ଧକ ସାର ପ୍ରୟୋଗ କରନ୍ତୁ ।

**ହରଡ଼ :**

- ଫଳ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ୫ ମି.ଲି. ଡେଲଟାମେଥରିନ୍ ୨.୮% ଇ.ସି. କିମ୍ବା ୧.୫ ମି.ଲି. ସ୍ପିନୋସାଡ ୪୫% ଏସ.ସି କିମ୍ବା ୧ ମି.ଲି. ଫ୍ଲୁବେଣ୍ଡିଆମାଇଡ ୩୯.୩୫ % ଏସ୍.ସି କୁ ପାଞ୍ଚ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- ଜଉ ପୋକ କୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି ନଚେତ ପ୍ରତି ୧୦ ଲିଟର ପାଣିରେ ୩ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କୁ ମିଶ୍ରିତ କରି ସିଂଚନ କରନ୍ତୁ ।

**ସୂର୍ଯ୍ୟମୁଖୀ:**

- **ଖାଦ୍ୟସାର ପରିଚାଳନା** - ପ୍ରତି ଏକର ପିଛା ଅଧା ପରିମାଣର ୟୁରିଆ (ଉନ୍ନତ କିସମ-୬ କି.ଗ୍ରା., ସଙ୍କର କିସମ-୧୨ କି.ଗ୍ରା.) + ଅଧା ପରିମାଣର ଏମ୍ଓପି (ଉନ୍ନତ କିସମ-୧୦ କି.ଗ୍ରା., ସଙ୍କର କିସମ-୨୦ କି.ଗ୍ରା.) ଦ୍ବିତୀୟ ଦଫା ସାର ହିସାବରେ ଦ୍ବିତୀୟ ଜଳସେଚନ ସମୟରେ ପ୍ରାୟୋଗ କରନ୍ତୁ।
- **ଶୋଷକ କୀଟ ସମୂହ (ଜଉ ପୋକ, ପତ୍ରଡିଆଁ ପୋକ, ଉକୁଣିଆ ପୋକ ଓ ଧଳାମାଛି):** ପ୍ରତିକାର ପାଇଁ ଆବଶ୍ୟକ ମତେ ଏକର ପ୍ରତି ୬୦ ଗ୍ରାମ ଏସିଟାମିପ୍ରିଡ କିମ୍ବା ୮୦ ଗ୍ରାମ ଥାୟୋମେଥୋକଜାମ କୁ ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- **ପାଉଁଶିଆ ରୋଗ:** ପ୍ରତିକାର ପାଇଁ ଏକର ପ୍ରତି ୨ ଗ୍ରାମ ସେଚିତ ଗନ୍ଧକ ଗୁଣ୍ଡ କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପନିପରିବା :**

ଟମାଟୋ

- **ଉଭିଦ୍ ବୃଦ୍ଧି ନିୟାମକ:** ଗଛର ସଅଳ ବୃଦ୍ଧି ଓ ଅଧିକ ଅମଳ ନିମନ୍ତେ ୪.୫ ମିଲିଗ୍ରାମ ଆଲଫା ନାପଥାଇଲ ଏସିଟିକ ଏସିଡ ୪.୫% ଏସ.ଏଲ କୁ ୧୦ ଲିଟର ପାଣିରେ ମିଶାଇ ଫୁଲ ଧରିବା ସମୟରେ ଦୁଇଥର ସିଞ୍ଚନ କରନ୍ତୁ ।
- **ଫଳ ଓ କାଣ୍ଡବିନ୍ଧା ପୋକ :** ନିୟନ୍ତ୍ରଣ ପାଇଁ ଏକର ପ୍ରତି ଦୁଇଟି ଲେଖାଏଁ ଫେରୋମୋନ ଟ୍ରାପ ବ୍ୟବହାର କରନ୍ତୁ ନଚେତ ପ୍ରତି ୧୫ ଧାଡ଼ି ବ୍ୟବଧାନରେ ଗେଣ୍ଡୁଫୁଲ କୁ ଅନ୍ତ ଫସଲ ରୂପେ ଲଗାନ୍ତୁ।
- **ଝାଉଁଳା ଓ ପତ୍ର ପୋଡ଼ା ରୋଗ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧ ଗ୍ରାମ କରବେନଡାଜିମ ସହିତ ୧ଗ୍ରାମ ପ୍ଲାନଟୋମାଇସିନ କୁ ମିଶ୍ରଣ କରି ଗଛ ମୂଳରେ ସିଞ୍ଚନ କରନ୍ତୁ।

**ଫୁଲ କୋବି ଓ ବନ୍ଧା କୋବି**

- **ଠିକିରି ପିଠିଆ ପ୍ରଜାପତି ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି ଫିପ୍ରୋନିଲ୍ ୫% ଏସ.ସି କିମ୍ବା ୪ ମି.ଲି କ୍ଲୋରୋପାଇଫୋସ୍ ୨୦ % ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ତମ୍ବାଖୁ ପତ୍ରଖିଆ ପୋକ:** ନିୟନ୍ତ୍ରଣ ପାଇଁ ୬ ମି.ଲି ସିନଟ୍ରାନିଲିପ୍ରୋଲ ୧୦.୨୬% ଓ.ଡି କୁ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- **ଉଭିଦ୍ ବୃଦ୍ଧି ନିୟାମକ:** ଗଛର ସଅଳ ବୃଦ୍ଧି ଓ ଅଧିକ ଅମଳ ନିମନ୍ତେ ୩.୫ ମି.ଲି ଜିବେରେଲିକ୍ ଏସିଡ ୦.୦୦୧% ଏଲ୍ କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ମଞ୍ଜି ବୁଣିବାର ୪୫ ଓ ୬୦ ଦିନ ପରେ ସିଞ୍ଚନ କରନ୍ତୁ।

**ଲଙ୍କା**

- **ଅଧିକ ଅମଳକ୍ଷମ କିସମ**-ଉତ୍କଳ ଆଭା, ଉତ୍କଳ ରଶ୍ମି, ଉତ୍କଳ ରାଗିଣୀ, ପୁସା ଜ୍ୱାଲା, ପୁସା ସଦାବାହାର ।
- **ସଂକର କିସମ**- ଜ୍ୟୋତି, ଅଗ୍ନିରେଖା, ରୋଷନୀ, ତେଜସ୍ୱିନୀ ଇତ୍ୟାଦି।
- **ଏକର ପ୍ରତି ବିହନ ପରିମାଣ** - ଅଧିକ ଅମଳକ୍ଷମ କିସମ- ୨୦୦ ଗ୍ରା ଓ ସଙ୍କର କିସମ-୧୦୦ ଗ୍ରା. ।

**ପଶୁପାଳନ**

- **ଗାଇ ଓ ମଇଁଷି :** ଦୁଗ୍ଧ ଦେଉଥିବା ପ୍ରାଣୀ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଦାନା ଓ ସବୁଜ ଘାସ ଯୋଗାଇ ଦିଅନ୍ତୁ।
- **କୁକୁଡ଼ା:** ବିଶେଷ କରି ଶୀତ ଦିନ ରାତିରେ କୁକୁଡ଼ା ଚିଆଁ ମାନଙ୍କୁ ଉତ୍ତାପ ପ୍ରଦାନ ପାଇଁ ବ୍ୟବସ୍ଥା କରନ୍ତୁ ଯଦ୍ୱାରା ସେମାନଙ୍କର ମରଣଶୀଳତା ହ୍ରାସ ପାଇବ । କୁକୁଡ଼ା ଚିଆଁ ମାନଙ୍କୁ ଆବଶ୍ୟକୀୟ ଟୀକାକରଣ କରିବା ସଙ୍ଗେ ସଙ୍ଗେ ପ୍ରଥମ ୨ ରୁ ୩ ସପ୍ତାହ ପର୍ଯ୍ୟନ୍ତ ଉପଯୁକ୍ତ ତାପମାତ୍ରା ପ୍ରଦାନ କରନ୍ତୁ। କୁକୁଡ଼ା ଘରକୁ ନିୟମିତ ଭାବେ ସଫା ରଖନ୍ତୁ ଓ ଚଟଣାକୁ ଆର୍ଦ୍ରତା ମୁକ୍ତ କରନ୍ତୁ।
- **ଛେଳି:** ଶୀତଦିନିଆ ଥଣ୍ଡା ପବନ ଓ ସନ୍ତସନ୍ତିଆ ଚଟାଣ ଠାରୁ ସୁରକ୍ଷା ପ୍ରଦାନ କରନ୍ତୁ।

**ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**